# ଜମନକିରାରେ ଶିକ୍ଷକଶିକ୍ଷୟିତ୍ରୀ ସମାବେଶ

**ଜମନକିରା, ୧।୩ (ସମିସ):** ଜମନକିରା ବ୍ଲକସ୍ତରୀୟ ଶିକ୍ଷକଶିକ୍ଷୟିତ୍ରୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ ସଭାପତି ଶ୍ରୀକାନ୍ତ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ସହକାରୀ ଶିକ୍ଷା ଅଧିକାରିଣୀ ଦେବକୀ ନାଏକ ଯୋଗଦେଇ ଶିକ୍ଷା ଓ ଶିକ୍ଷା ନୀତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ପାଦକ କାର୍ତ୍ତିକ କିସାନ, ପୁରୁଣା ପେନସନ ଶିକ୍ଷକ ସଂଘ ସଭାପତି ପ୍ରଣବ କୁମାର ପଟେଲ, ନୂତନ ପେନସନ ଶିକ୍ଷକ ସଂଘ ସଭାପତି ପ୍ରଶାନ୍ତ ପଣ୍ଡା, ଗଣ ଶିକ୍ଷକ ସଂଘ ସଭାପତି ନରହରି ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ଅତିଥିଗଣ ତାଙ୍କ ବକ୍ତବ୍ୟ ମାଧ୍ୟମରେ ଶିକ୍ଷକ ସଂଘର ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ।ଶିକ୍ଷୟିତ୍ରୀ ସସ୍ମିତା ନାୟକ, ମନୋରମା ମାଝୀ, ସାଗରିକ ଚାରଦିଆ ପଞ୍ଚାନନ ମହାନନ୍ଦିଆ ଏବଂ ଅବସରପ୍ରାପ୍ତ ଶିକ୍ଷକ ଦିଲୀପ ବହିଦାର ପ୍ରମୁଖ ହୃଦୟସ୍ପର୍ଶୀ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ପ୍ରତାପ କୁମାର ମହାପାତ୍ର ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ବାନିଶ୍ରୀ ମିଶ୍ର ଓ ମଧୁମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଅମୃତ ବାଘ, ବାର୍ତ୍ତାଳ ମୁଣ୍ଡା, ଲୋହିତ ନନ୍ଦ ବେହେରା, ସତ୍ୟସୁନ୍ଦର ପାଗଳ, ଦେବାର୍ଚ୍ଚନ ଠାକୁର, କେଦାର ଚରଣ ବାରିକ, ଶ୍ରୀବତ୍ସ ପ୍ରଧାନ, ସଦାଶିବ ସାହୁ, ପ୍ରଶାନ୍ତ ନାୟକ ଏବଂ ଭରତ ନାଥ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବୀଣା ପଟେଲ ଓ ମଞ୍ଜୁରାଣି ପାଣିଗ୍ରାହିଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ମଝିରେ କଣ୍ଠଶିଳ୍ପୀ ତଥା ଶିକ୍ଷୟିତ୍ରୀ ସୁସ୍ମିତା ନାୟକ, ସାଗରିକା ତରିଆ, ଶିକ୍ଷକ ପଞ୍ଚାନନ ମହାନନ୍ଦିଆ ଓ ଦିଲୀପ ବହିଦାର ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ସମ୍ପାଦକ କାର୍ତ୍ତିକ କିସାନ ଧନ୍ୟବାଦ ଅର୍ପଣ କରିଥିଲେ। ନେତ୍ରାନନ୍ଦ ପୃଷେଠଙ୍କରଚନା ନିର୍ଦ୍ଦେଶନା ଓ କଣ୍ଠରେ ରଚିତ ସଙ୍ଗୀତ ରୁପକ ଶିକ୍ଷା ପରମ୍ପରା ଓ ସୁକାନ୍ତ ପଟେଲଙ୍କ ରଚିତ ନାଟକ ନାଟକ 'ସବୁକଥା ଇନେ'ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପରିବେଷଣ ବେଶ ମନ୍ତ୍ରମୁଗ୍ଧ କରିଥିଲା। ଅଭିନୟ କରିଥିଲେ ସିଆରସିସି ତବଲାକଟା ଶ୍ରୀକାନ୍ତ ହାତୀ, କ୍ଷୀରୋଦ ଚନ୍ଦ୍ର ବାଘ, ପଙ୍କଜ ପଟେଲ, ଶ୍ୟାମ ସୁନ୍ଦର ବାଘ, ଭେଙ୍କେଟେଶ୍ୱର ଠାକୁର, ଶରତ ବରିହା, ମୀନା ମାଝୀ, ନମିତା କିସାନ, ରଞ୍ଜୁ ଲତା ନାଏକ, ଟିକେଶ୍ୱରୀ ଭୋଇ, ଲୋକନାଥ ପଧାନ, ଅମୂଲ୍ୟ ମହାକୁଲ।

# ଶିଳ୍ପସଂସ୍ଥାରେ ସ୍ଥାନୀୟ ନିଯୁକ୍ତି
# ବିଧାୟକଙ୍କ ଉତ୍ତର ଦେଇପାରିଲେନି ମନ୍ତ୍ରୀ

**ସମ୍ବଲପୁର, ୧।୩ (ସମିସ)**

ଗତ ୨୪ ତାରିଖ ବିଧାନସଭାରେ ଶିଳ୍ପସଂସ୍ଥାରେ ସ୍ଥାନୀୟ ନିଯୁକ୍ତିକୁ ନେଇ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତର ଦେଇପାରିନାହାନ୍ତି ବିଭାଗୀୟ ମନ୍ତ୍ରୀ। ପ୍ରଶ୍ନର ଉତ୍ତରରେ ସେ ତଥ୍ୟ ସଂଗ୍ରହ କରାଯାଉଛି ବୋଲି ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଜାନୁଆରୀ ୨୭ ତାରିଖ ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ ସହ ହିଣ୍ଡାଲକୋରେ ସମ୍ପ୍ରସାରଣ କାର୍ଯ୍ୟକ୍ରମରେ ସ୍ଥାନୀୟ ନିଯୁକ୍ତି ପ୍ରସଙ୍ଗ ରେଙ୍ଗାଲି ବିଧାୟକ ଉତ୍ଥାପନ କରିଥିଲେ। ତେବେ, ମାସକ ପରେ ମଧ୍ୟ ସରକାରଙ୍କ ପାଖରେ ତଥ୍ୟ ନଥିବା ଦୁର୍ଭାଗ୍ୟଜନକ।

ଶିଳ୍ପସଂସ୍ଥାରେ ସ୍ଥାନୀୟ ନିଯୁକ୍ତିକୁ ନେଇ ପ୍ରଶ୍ନ ସଂଖ୍ୟା ୟୁ.ଡି. ୧୬୫୩ ଜରିଆରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ପଚାରିଥିଲେ ଯେ, ଶିଳ୍ପ ନୀତି ସଂକଳ୍ପ (ଆଇପିଆର୍ ୨୦୨୨) ଅନୁଯାୟୀ ଶିଳ୍ପଗୁଡ଼ିକରେ ଶତକଡ଼ା ୮୦ ଭାଗ ନିଯୁକ୍ତି ସ୍ଥାନୀୟ ଲୋକଙ୍କୁ ଦେବା ବାଧ୍ୟତାମୂଳକ, ସମ୍ବଲପୁରର ହିଣ୍ଡାଲକୋ ଏବଂ ଏହାର ଅନୁବନ୍ଧିତ କମ୍ପାନୀଗୁଡ଼ିକରେ ହୋଇଥିବା ପ୍ରାୟ ୧୫, ୦୦୦ ନୂତନ ନିଯୁକ୍ତି ମଧ୍ୟରୁ କେତେଜଣ ସମ୍ବଲପୁର ଜିଲ୍ଲା ନିଯୁକ୍ତି କାର୍ଯ୍ୟାଳୟ (ଡିଷ୍ଟ୍ରିକ୍ଟ ଏମ୍ପଲୟମେଣ୍ଟ ଏକ୍ସଚେଞ୍ଜ) ମାଧ୍ୟମରେ ନିଯୁକ୍ତି ପାଇଛନ୍ତି ଏବଂ କେତେଜଣ ବାହାର ରାଜ୍ୟରୁ ଆସିଛନ୍ତି, ତାର ତଥ୍ୟ ସରକାର ଦେବେ କି? ଓଡ଼ିଶା ଅର୍ଥନୈତିକ ସର୍ଭେ ୨୦୨୪-୨୫ ଅନୁଯାୟୀ ରାଜ୍ୟର ବିକାଶ ହେଉଛି କିନ୍ତୁ ରେଙ୍ଗାଲିର ଲପଙ୍ଗା ଶିଳ୍ପାଞ୍ଚଳରେ ସ୍ଥାନୀୟ ଯୁବକମାନେ ନିଯୁକ୍ତି ପାଇଁ ଆନ୍ଦୋଳନ କରୁଥିବା ବେଳେ ବେସରକାରୀ କମ୍ପାନୀଗୁଡ଼ିକ କେଉଁ ଆଧାରରେ ବାହାର ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି? ଏହାର ଉତ୍ତରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ତଥ୍ୟ ସଂଗ୍ରହ କରାଯାଉଅଛି ବୋଲି ଉଲ୍ଲେଖ କରିଥିଲେ।

ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ କହିଛନ୍ତି, ବିଧାନସଭାରେ ସ୍ଥାନୀୟ ନିଯୁକ୍ତିକୁ ନେଇ ମୋର ପ୍ରଶ୍ନର ଉତ୍ତରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ତଥ୍ୟ ସଂଗ୍ରହ କରାଯାଉଛି ବୋଲି କହିଛନ୍ତି। ମୁଁ ଅନୁରୋଧ କରିବି ଶୀଘ୍ର ଏହି ତଥ୍ୟ ଦିଆଯାଉ, ଏହାଦ୍ୱାରା ଅଞ୍ଚଳର ଯୁବକଯୁବତୀମାନେ ଜାଣିପାରିବେ ପ୍ରକୃତ ପକ୍ଷରେ କେତେ ସ୍ଥାନୀୟ ନିଯୁକ୍ତି ଦିଆଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଗତ ଜାନୁଆରୀ ୨୭ ତାରିଖ ହିଣ୍ଡାଲକୋରେ ସ୍ମେଲ୍ଟର ସମ୍ପ୍ରସାରଣ ଏବଂ ଫ୍ଲାଟ୍ ରୋଲ୍ଡ ପ୍ରଡକ୍ଟସ୍ (ଏଫଆରପି) ଏବଂ ବ୍ୟାଟେରୀ-ଗ୍ରେଡ ଆଲୁମିନିୟମ ଫଏଲ ଉତ୍ପାଦନ କାରଖାନାକୁ କାର୍ଯ୍ୟକ୍ଷମ କରାଯିବାକୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ହିଣ୍ଡାଲକୋର ସ୍ଥାନୀୟ ନିଯୁକ୍ତି ପ୍ରସଙ୍ଗ ଉପସ୍ଥାପନ କରିଥିଲେ। କେତେ ସ୍ଥାନୀୟ ନିଯୁକ୍ତି ହୋଇଛି ତାହାର ତଥ୍ୟ ମାଗିବାସହ ନିଯୁକ୍ତି ନହେଲେ ସ୍ଥାନୀୟ ଯୁବକଯୁବତୀ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ୍ୟ ହେବେ ବୋଲି ସେ ଚେତାବନୀ ଦେଇଥିଲେ। ସେତେବେଳେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମଧ୍ୟ କହିଥିଲେ, ଇଣ୍ଡଷ୍ଟ୍ରି ଦେଖୁଛୁ, ଧୂଆଁ ଖାଉଛୁ, ଆସ୍ ଖାଉଛୁ କିନ୍ତୁ ଆମର କୌଣସି ଉନ୍ନତି ହୋଇପାରୁନାହିଁ। ଆମ ପିଲା ଡିପ୍ଲୋମା, ଡିଗ୍ରୀ କଲାପରେ ବି ସେମାନଙ୍କ କୌଣସି ଥଇଥାନ ହୋଇପାରୁନାହିଁ।

# ଲୁହାପଙ୍କରେ ବିଶ୍ୱଶାନ୍ତି ନାମଯଜ୍ଞ

**ରେଢ଼ାଖୋଲ, ୧।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ଲୁହାପଙ୍କଗ୍ରାମରେ ବିଶ୍ୱ ଶାନ୍ତି ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ



ହୋଇଯାଇଛି। ମହିଳାଙ୍କ ଦ୍ୱାରା ୫୦ କଳସ ନେଇ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିବା ସହିତ ଶନିବାର ଦିନ ପ୍ରାତଃସରୁ ଅଧିବାସ ନାମ ଆରମ୍ଭ ହୋଇଥିଲା। ରେଢ଼ାଖୋଲ, ନାକଟିଦେଉଳ, କିଶୋରନଗର ଅଞ୍ଚଳରୁ ୧୮ରୁ ଉର୍ଦ୍ଧ୍ୱ ସଙ୍କୀର୍ତ୍ତନ ମଣ୍ଡଳୀ ନାମଯଜ୍ଞରେ ଅଂଶଗ୍ରହଣ କରିଥିବା ବେଳେ ବିଶେଷ ଆକର୍ଷଣ ଖରସାଲି ସଙ୍କୀର୍ତ୍ତନ ମଣ୍ଡଳୀ ଲୋକଙ୍କ ମନ ମୋହିଥିଲା। ମୁଖ୍ୟ ପୂଜକ ଭାବରେ ରଞ୍ଜନ ହୋତା ଏବଂ କର୍ତ୍ତା ଭାବରେ ରାଜେନ୍ଦ୍ର ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ସୁଜାତା ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ। ଯଜ୍ଞ କମିଟିର ସଭାପତି ଭାବରେ ରମେଶ ପ୍ରଧାନ, ସମ୍ପାଦକ ନରେଶ ବେହେରା, ସଦସ୍ୟ କୈବର୍ତ୍ତ ସାହୁ, ଅଶୋକ ବେହେରା, ବିଶ୍ୱାମିତ୍ର ବେହେରା, ଅବଦୁତ ପ୍ରଧାନ, ରାହାସ ବିହାରି ସାହୁ, ଅଜିତ୍ ବେହେରା, ଉମେଶ ବେହେରା, ବିଣାପାଣି କ୍ଲବ୍ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## କୁଚିଣ୍ଡା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ
# ଷ୍ଟୁଡେଣ୍ଟ ୟୁନିଅନ ଓ ମ୍ୟୁଜିକ ସୋସାଇଟିର ସାଂସ୍କୃତିକ କାର୍ଯ୍ୟକ୍ରମ



**କୁଚିଣ୍ଡା, ୧।୩(ସମିସ):** ରବିବାର ଦ୍ୱିତୀୟ ଦିନରେ କୁଚିଣ୍ଡା ମହାବିଦ୍ୟାଳୟର ଷ୍ଟୁଡେଣ୍ଟ ୟୁନିଅନ ଓ ମ୍ୟୁଜିକ ସୋସାଇଟି ପକ୍ଷରୁ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି।ପୂର୍ବାହ୍ନ ୧୦ଟାରେ କୁଚିଣ୍ଡା ମହାବିଦ୍ୟାଳୟରେ ଷ୍ଟୁଡେଣ୍ଟ ୟୁନିଅନର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଡ. ମନୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ମାନିତ ଅତିଥି ଭାବେ କୁଚିଣ୍ଡା ଉପଜିଲ୍ଲାପାଳ ଆଇଏଏସ ସରୱାନନ ସ ଏବଂ ମୁଖ୍ୟବକ୍ତା ଭାବେ ସୋନପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.କେଦାର ନାଥ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ସଭାରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଡ.ଦିଲ୍ଲୀପ କୁମାର ନନ୍ଦ, ଷ୍ଟୁଡେଣ୍ଟ ୟୁନିୟନର ଉପଦେଷ୍ଟା କିରଣ କୁମାର ମହାପାତ୍ର, ଡ.ସଞ୍ଜୁଶ୍ରୀ ସାହୁ, ଟିକେଶ୍ୱର ଘୁଘର, ଜାଗୃତି ବାଘଙ୍କ ସହ ଛାତ୍ର ପ୍ରତିନିଧି ରାକଷି ଅର୍କ, ଅଙ୍କିତ ମେହେର ପ୍ରମଖ ଉପସ୍ଥିତ ଥିଲେ।ସନ୍ଧ୍ୟାରେ ମ୍ୟୁଜିକ ସୋସାଇଟି ପକ୍ଷରୁ ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ରୂପେ ସ୍ୱର ଝଙ୍କାର ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ହରେଶ କୁମାର ବଗର୍ତ୍ତୀ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ପିଏନ ମହାବିଦ୍ୟାଳୟର ସଂଯୁକ୍ତା ତ୍ରିପାଠୀ, ସୋସାଇଟିର ସଭାପତି ମନୋଜ କୁମାର ପଣ୍ଡା, ଉପସଭାପତି ମଞ୍ଜୁଶ୍ରୀ ଦାଶ, ଡ.ପୂଜା ଦାସ, ଝରଣା ମୟୀ ସୁନା, ଜିନ୍ନା ଭଟ୍ଟାଚାର୍ଯ୍ୟ, ସୁଷମା କର, ରୋମି ପଟେଲ, ଛାତ୍ର ପ୍ରତିନିଧି ଅମନ ପଶାୟତ ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଟ୍ରକ୍ ଧକ୍କାରେ ସାଇକଲ ଆରୋହୀ ଗୁରୁତର

**ଧର୍ମଗଡ଼, ୧।୩(ସମିସ):** ଧର୍ମଗଡ଼ ଥାନା ଗଡ଼ିଆଜୋର ବିଜୁ ଏକ୍ସପ୍ରେସ ରାସ୍ତାରେ ଜଣେ ସାଇକଲ ଆରୋହୀକୁ ଟ୍ରକ୍ ଧକ୍କା ଦେବାରୁ ସାଇକଲ ଆରୋହୀ ଜଣକ ଗୁରୁତର ହୋଇ ପଡ଼ିଛନ୍ତି।ଗୁରୁତର ଜଣକ ବଡଘୁମର ଗ୍ରାମର ଚିତ୍ରସେନ ଗୋପାଳ (୫୫)ବୋଲି ଜଣାପଡ଼ିଛି।ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ଡାକ୍ତରଖାନା ନେଇ ଥିବା ସୂଚନା ମିଳିଛି।ତେବେ ଚିତ୍ରସେନ ନିଜ ଗାଁରୁ ପାଖରେ ଥିବା ବନ୍ଧୁ ବାନ୍ଧବ ଘର ଗଡ଼ିଆଯୋର ଗାଁକୁ ମାଙ୍ଗଳିକ ଭୋଜି ଖାଇବାକୁ ଯାଉଥିବା ବେଳେ ପର୍ଲା ଆଡୁ ସିଜି୧୮ଏ ୫୩୮୧ନମ୍ବର ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ଚିତ୍ରସେନ ଛିଟିକି ପଡ଼ିଥିବା ବେଳେ ଟ୍ରକ୍ ଚାଳକ ଗାଡି ନେଇ ଫେରାର ମାରିଛି।ଧର୍ମଗଡ଼ ପୁଲିସକୁ ପ୍ରତ୍ୟକ୍ଷ ଦର୍ଶୀମାନେ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ



**ସମ୍ବଲପୁର, ୧।୩ (ସମିସ) :** ମାନେଶ୍ୱର ବ୍ଲକ ଦେଓଗାଁ ପଞ୍ଚାୟତ ଦେଓଗାଁ ଜୟ ହନୁମାନ ଯୁବକ ସଙ୍ଘ ଆନୁକୂଲ୍ୟରେ ହେଉଥିବା ପଞ୍ଚଦିବସୀୟ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହେଲା।। ଏଥିରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ସଂକର୍ମା ଓ ଛତାବର୍ ଫାଇନାଲ ମଧ୍ୟରେ ହୋଇଥିଲା। ସଂକର୍ମା ଦଳ ୪୦ ରନ୍‌ରେ ବିଜୟୀ ହୋଇଥିଲା। ଖେଳକୁ ଅମ୍ପାୟାର ଭାବେ ଜେନାକାନ୍ତ ବାରିକ, ସୂରଜ ଭରାସାଗର, ବସୁ ସେଠ, ଉମେଶ ମହାଲିଙ୍ଗ ପ୍ରମୁଖ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବରେ ଯୁବନେତା ରେଢ଼ାଖୋଲ ବିଧାୟକଙ୍କ ପ୍ରତିନିଧି ମନୋଜ ମହାପାତ୍ର ଓ ସମ୍ମାନିତ ଅତିଥି ଭାବରେ ଦଶମୀ ସେଠ, ସତ୍ୟବାନ ମିଶ୍ର, ମିଲନ ଭୋଇ, ମାନସ ବେହେରା ବିଜେତା ଦଳ ଓ ଉପ ବିଜେତା ଦଳକୁ ଟ୍ରଫି ଓ ନଗଦ ରାଶି ପ୍ରଦାନ କରିଥିଲେ। ବିଜୁ ସେଠ, ମୁନୁ ଦୀପ, ପ୍ରଶାନ୍ତ ସେଠ, ଜଗନ୍ନାଥ ବାରିକ, ବିଟୁ ମୁଦୁଲି, ଦେବାଶିଷ ଝଙ୍କାର, ଜ୍ୟୋତି ନାୟକ, ଅଜୁ ବଡ଼େଇ, ରଜନୀ ପଣ୍ଡା, ଭିକି ସେଠ, ଦେବାଶିଷ ଝାଙ୍କର, ସଞ୍ଜିବ ଦିପ, ନେତ୍ରାନନ୍ଦ ଝାଙ୍କର, ଶିବୁ ପାଣ୍ଡେ, ଶଙ୍କର ସେଠ, ଅଜିତ ଝାଙ୍କର ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଅଲେଖାନନ୍ଦଙ୍କ ବିୟୋଗରେ ଶୋକସଭା



**ରେଢ଼ାଖୋଲ, ୧।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସମାଜସେବୀ ତଥା ବିଜେପି ରେଢ଼ାଖୋଲ ନଗର ସାଧାରଣ ସମ୍ପାଦକ ଅଲେଖାନନ୍ଦ ପ୍ରଧାନଙ୍କ ଗତ ଶୁକ୍ରବାର ରାତିରେ କେନ୍ଦୁଝର ଜିଲ୍ଲା ବଡ଼ବିଲ ଠାରେ ପରଲୋକ ହୋଇଯାଇଛି। ସେ ବଡ଼ବିଲରେ ତାଙ୍କ ପୁଅଙ୍କ ପାଖରେ ଗତ ୧୫ ଦିନ ହେଲା ରହୁଥିଲେ।ରାତି ସମୟରେ ହଠାତ୍ ଦେହ ଅସୁସ୍ଥ ହୋଇଥିଲା ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।ହେଲେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଶ୍ରୀଜଗନ୍ନାଥ ଯଜ୍ଞ କମିଟି ପକ୍ଷରୁ କଦମ୍ବ ପଡ଼ିଆରେ ସଭାପତି ସୁନୀଲ ପ୍ରଧାନଙ୍କ ସଭାପତିତ୍ୱରେ କମିଟିର ସମସ୍ତ ସଦସ୍ୟ ଯୋଗ ଦେଇ ନୀରବ ପ୍ରାର୍ଥନା କରିଥିଲେ। ସେହିପରି ସରସ୍ୱତୀ ଶିଶୁ ମନ୍ଦିରରେ ମଧ୍ୟ ବିଜେପି ପକ୍ଷରୁ ସଭାପତି ସୁଷମା ମୁଣ୍ଡାଙ୍କ ସଭାପତିତ୍ୱରେ ସ୍ୱର୍ଗତ ଅଲେଖାନନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, ସମିତି ସଭ୍ୟ ସଞ୍ଜୟ ବେହେରା, ବରିଷ୍ଠ ବିଜେପି ନେତା ପ୍ରତାପ ପ୍ରଧାନ, ଦିଲୀପ ପ୍ରଧାନ, ନଗର ଉପସଭାପତି ଅନିଲ ପୃଷ୍ଟି, ବିରଞ୍ଚି ପ୍ରଧାନ, ସୁରେଶ ଭିତିରିଆ, ରବୀନ୍ଦ୍ର ସାହୁ, ଇଶ୍ୱର ବାଘ, ବବଲୁ ମହାପାତ୍ର, ବବିତା ସେଠୀଙ୍କ ସମେତ କର୍ମୀମାନେ ଯୋଗ ଦେଇଥିଲେ।

# ଅନ୍ତର୍ଜାତୀୟ ମହିଳା ଦିବସରେ ସମ୍ବର୍ଦ୍ଧିତ ହେବେ ୩୦ ଆଦର୍ଶ ଗୃହଣୀ

**ଭବାନୀପାଟଣା, ୧।୩ (ସମିସ):** ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ୮ ମାର୍ଚ୍ଚ ଅନ୍ତର୍ଜାତୀୟ ମହିଳା ଦିବସରେ ସମ୍ବର୍ଦ୍ଧିତ ହେବେ ୩୦ଜଣ ଆଦର୍ଶ ଗୃହଣୀ। ଏଥିପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଗୃହିଣୀ ହେଉଛନ୍ତି ପରିବାରର ମେରୁଦଣ୍ଡ, ଯିଏ ନିଜ ସ୍ନେହ, ତ୍ୟାଗ ଓ ସେବା ଦ୍ୱାରା ଘରକୁ ସ୍ୱର୍ଗ ସଦୃଶ କରିଥାନ୍ତି। ସେ ସମସ୍ତଙ୍କ ଆବଶ୍ୟକତା ପୂରଣ କରିବା ସହ ଶୃଙ୍ଖଳିତ ଜୀବନଯାପନ, ସୁସ୍ଥ ଖାଦ୍ୟପେୟ ଏବଂ ପିଲାମାନଙ୍କୁ ସଂସ୍କାର ଦେଇ ଉତ୍ତମ ନାଗରିକ ଭାବେ ଗଢ଼ି ତୋଳନ୍ତି। ସେ ଅଧୈର୍ଯ୍ୟ ନ ହୋଇ ପରିବାରର ସୁଖ ପାଇଁ ନିଜକୁ ଉତ୍ସର୍ଗ କରନ୍ତି। ଜଣେ ଆଦର୍ଶ ଗୃହିଣୀ କେବଳ ଘରର ଚାରି କାନ୍ଥ ଭିତରେ ସୀମିତ ନଥାନ୍ତି, ବରଂ ସମାଜ ଗଠନରେ ମଧ୍ୟ ସେମାନଙ୍କର ବଡ଼ ଅବଦାନ ଥାଏ। ଭବାନୀପାଟଣା ପୌରପାଳିକାସ୍ତରୀୟ ୩୦ ଜଣ ଆଦର୍ଶ ଦୁହିତାଙ୍କୁ ଆସନ୍ତା ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସରେ ସମ୍ବର୍ଦ୍ଧନା କରାଯିବ। ନାମାଙ୍କନ କରିଥିବା ମହିଳା ଭବାନୀପାଟଣା ପୌରପାଳିକାର ବାସିନ୍ଦା ହୋଇଥିବେ ଓ ବୟସ ୨୫ରୁ ୪୫ ମଧ୍ୟରେ ହେବା ଜରୁରୀ, ପ୍ରଥମ ୩୦ ଜଣ ନାମାଙ୍କନ କରିଥିବା ମହିଳାଙ୍କୁ ସମ୍ବର୍ଦ୍ଧନା କରାଯିବ ବୋଲି ସ୍କୁଲର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡ. ଶିବରାମ ନାୟକ ସୂଚନା ଦେଇଛନ୍ତି। ସ୍କୁଲର ଉପଦେଷ୍ଟା ମଣ୍ଡଳୀର ମୁଖ୍ୟ ମୁକୁନ୍ଦ ରେ‡ୀ, ଶିକ୍ଷୟିତ୍ରୀ ସରିତା ବେଗେଲ, ଚନ୍ଦ୍ରପ୍ରଭା ମିଶ୍ର, ସମୀକ୍ଷ୍ୟାରାଣୀ ବେହେରା ସମେତ ବହୁ ଅଭିଭାବକ ଅଭିଭାବିକା ଉପସ୍ଥିତ ରହି ସହଯୋଗ କରିଥିଲେ।

# ନନ୍-କ୍ୟାଡର ସରକାରୀ ଅଭିଯୋଜକଙ୍କ ଇଣ୍ଡକ୍ସନ୍ ଓ ରିଫ୍ରେସର୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ସମ୍ବଲପୁର, ୧।୩ (ସମିସ) :** ଜିଲ୍ଲା ପରିଷଦ ପ୍ରେକ୍ଷାଳୟରେ ସମ୍ବଲପୁର ଜିଲ୍ଲାର ନନ୍-କ୍ୟାଡର ସରକାରୀ ଅଭିଯୋଜକମାନଙ୍କ ପାଇଁ ଓଡ଼ିଶା ସରକାରଙ୍କ ଆଇନ ବିଭାଗ ଏବଂ ପବ୍ଲିକ୍ ପ୍ରସିକ୍ୟୁସନ୍ ନିର୍ଦ୍ଦେଶାଳୟ, ଭୁବନେଶ୍ୱର, ପକ୍ଷରୁ ଦୁଇଦିନିଆ ଇଣ୍ଡକ୍ସନ୍ ଓ ରିଫ୍ରେସର୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନବନିଯୁକ୍ତ ଓ କାର୍ଯ୍ୟରତ ଅଭିଯୋଜକମାନଙ୍କର ବୃତ୍ତିଗତ କୁଶଳତା ବୃଦ୍ଧି, ନୂତନ ଆପରାଧିକ ଆଇନ ବିଷୟରେ ଗଭୀର ଅବଗତି ସୃଷ୍ଟି ଏବଂ ତଦନ୍ତ ଓ ଅଭିଯୋଗ ପକ୍ଷରେ ସୁଦୃଢ ସମନ୍ୱୟ ସ୍ଥାପନ କରିବା। ଶନିବାର ଉଦ୍‌ଘାଟନୀ ସତ୍ରରେ ଡେପୁଟି କଲେକ୍ଟର, ଉପ-ନିର୍ଦ୍ଦେଶକ (ପବ୍ଲିକ ପ୍ରୋସିକ୍ୟୁସନ), ସରକାରୀ ଅଭିଯୋଜକମାନେ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍), ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସ୍‌ଏ), ୨୦୨୩ର ମୁଖ୍ୟ ପରିବର୍ତ୍ତନ ଉପରେ ଆଲୋଚନା ହୋଇଥିଲା। ଏହାସହ ଅଭିଯୋଜକମାନଙ୍କ ଭୂମିକା, ସ୍କୃଟିନି ସମୟସୀମା, ପୁରୁଣା ଓ ନୂତନ ଆଇନର ତୁଳନାତ୍ମକ ବିଶ୍ଳେଷଣ, ପୀଡିତମୁଖୀ ପ୍ରାବଧାନ ଓ ଜାମିନ ବ୍ୟବସ୍ଥା ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଶେଷରେ ମୁକ୍ତ ଆଲୋଚନା ଓ ପ୍ରଶ୍ନୋତ୍ତର ସତ୍ର ଆୟୋଜିତ ହୋଇଥିଲା।





ଦ୍ୱିତୀୟ ଦିନରେ ଇଲେକ୍ଟ୍ରୋନିକ୍ ସାକ୍ଷ୍ୟ ପ୍ରବନ୍ଧନ (ବିଏସ୍‌ଏ ଅନୁସାରେ), ଫରେନସିକ୍ ସାକ୍ଷ୍ୟ, ମେଡିକାଲ୍ ସାକ୍ଷ୍ୟ, ପରୀକ୍ଷା ଓ ପ୍ରତିପରୀକ୍ଷା ପ୍ରଣାଳୀ, ନୂତନ ଆପରାଧିକ ବ୍ୟବସ୍ଥାରେ ଟ୍ରାୟଲ୍ ମ୍ୟାନେଜମେଣ୍ଟ, ପ୍ରଭାବଶାଳୀ ଫାଇନାଲ୍ ଆର୍ଗୁମେଣ୍ଟ ପ୍ରସ୍ତୁତି ଏବଂ ଇ-ପ୍ରୋସିକ୍ୟୁସନ୍ ଓ ଆଇସିଜେଏସ୍ ପ୍ଲାଟଫର୍ମ ବିଷୟରେ ବ୍ୟାପକ ମାର୍ଗଦର୍ଶନ ଦିଆଯାଇଥିଲା। ଏହି ସମସ୍ତ ସତ୍ର ଅଭିଯୋଜକମାନଙ୍କ ପାଇଁ ଅତ୍ୟନ୍ତ ଉପକାରୀ ସାବିତ ହୋଇଥିଲା। ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ କାର୍ଯ୍ୟକ୍ରମରେ ଯୋଗଦେଇ ନବନିଯୁକ୍ତ ଅଭିଯୋଜକମାନଙ୍କୁ ଉତ୍ସାହିତ କରିଥିଲେ। ତାଙ୍କ ଉଦ୍‌ବୋଧନରେ ସେ ସତ୍ୟନିଷ୍ଠ, ପ୍ରାବଲ୍ୟପୂର୍ଣ୍ଣ ପ୍ରସ୍ତୁତି ଓ ଆଇନଗତ ଦକ୍ଷତା ସହ କାର୍ଯ୍ୟନିଷ୍ଠ ହେବାକୁ ଆହ୍ୱାନ କରିଥିଲେ। ସେ କହିଥିଲେ ଯେ ତଦନ୍ତ ଏବଂ ଅଭିଯୋଗ ପକ୍ଷର ସୁଦୃଢ ସମନ୍ୱୟ ମାଧ୍ୟମରେ ମାତ୍ର ନ୍ୟାୟ ବ୍ୟବସ୍ଥା ଅଧିକ କାର୍ଯ୍ୟକ୍ଷମ ହେବ। ନୂତନ ଆପରାଧିକ ଆଇନ ଅନୁସାରେ ଦାୟିତ୍ୱ ପାଳନ କରିବା ସମୟରେ ପ୍ରତ୍ୟେକ ଅଭିଯୋଜକଙ୍କୁ ଆତ୍ମବିଶ୍ୱାସ, ଶିଷ୍ଟାଚାର ଓ ପେଶାଦାରିତ୍ୱ ରକ୍ଷା କରିବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ। ସେ ନବ ଯୋଗଦେଇଥିବା ଅଭିଯୋଜକମାନଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ହୀରକ ଜୟନ୍ତୀ ଅବସରରେ ବିଭିନ୍ନ ପ୍ରତିଯୋଗିତା

**ସମ୍ବଲପୁର, ୧।୩ (ସମିସ)**

୧୯୬୫ ମସିହାରେ ସ୍ଥାପିତ ଭାରତବର୍ଷର ଅନ୍ୟତମ ପୁରାତନ ଲଜପତ ରାୟ ଆଇନ ମହାବିଦ୍ୟାଳୟର ହୀରକ ଜୟନ୍ତୀ ପୁରାତନ ଛାତ୍ର ସଂଘ ପକ୍ଷରୁ ୨୦୨୬ ଓ ୨୦୨୭ ଦୁଇବର୍ଷ ଧରି ପାଳନ କରାଯିବ। ଏହି ଅବସରରେ ଛାତ୍ର ସଂଘ ପକ୍ଷରୁ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନାଚ, ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଲଜପତ ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଡଃ ବିଜୟାନନ୍ଦ ବେହେରା, ଆଲୁମ୍ନି ସଭାପତି ବରିଷ୍ଠ ଆଇନଜୀବୀ ସତ୍ୟନାରାୟଣ ପଣ୍ଡା, ସମ୍ପାଦକ ଦୁର୍ଗା ପାଢ଼ୀ, ସିପ୍ରା ମହାନ୍ତି, ପ୍ରକାଶ ଶତପଥୀ, ଚନ୍ଦ୍ର ମହାନ୍ତି, ଚନ୍ଦ୍ର ପୁରୋହିତ, ଡଃ ଲକ୍ଷ୍ମୀକାନ୍ତ ଦାଶ, ଅଶ୍ୱିନୀ ପାଢ଼ୀ, ପ୍ରଶାନ୍ତ ପ୍ରଧାନ,




ସୁତପା ମିତ୍ର, ବିଜିତେନ୍ଦ୍ରିୟ ପ୍ରଧାନ, ରବି ପୂଜାରୀ, ପ୍ରବୀଣ ସିଂଦେଓ, ଅଶ୍ୱିନୀ ପଣ୍ଡା, ପଞ୍ଚା ଦାସ, ରିମ୍ପୁ ସିଂ, ଚିନ୍ମୟ ଶତପଥୀ, ନମିତା ବଡ଼ପଣ୍ଡା, ଶୁଭଦର୍ଶନୀ ମହାନ୍ତି, ସୋନିୟା ସିଂ, ହୃଷିକେଶ ସ୍ୱାଇଁ, ତ୍ରିଲୋଚନ ମିଶ୍ର, ଦେବାଶିଷ ପ୍ରଧାନ ପ୍ରମୁଖ ଆଇନଜୀବୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ନୃତ୍ୟ ପ୍ରତିଯୋଗିତା ବିଚାରକ ଭାବେ ଅସୀମ ପ୍ରଧାନ, ସୀମନ୍ତିକା ଦାଶ, ପ୍ରେମାନନ୍ଦ ମହାକୁଡ଼, ଶ୍ରାଣୀ ରକ୍ଷିତ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ ପ୍ରମୁଖ ଥିବାବେଳେ ସଙ୍ଗୀତ ପ୍ରତିଯୋଗିତାର ବିଚାରକ ସନ୍ତୋଷ କୁମାର ମିଶ୍ର, ଶ୍ରୀନୁ ଦାସ, ଦେବସ୍ମିତା ମିଶ୍ର, ସରିତା ରାୟ ପ୍ରମୁଖ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ହୀରକ ଜୟନ୍ତୀ ଉତ୍ସବ କାର୍ଯ୍ୟକ୍ରମ ଅବସରରେ ପୁରସ୍କୃତ କରାଯିବ ବୋଲି ଆଲୁମ୍ନି ସଂଘ ସୂତ୍ରରୁ ପ୍ରକାଶ। ଶେଷରେ ସଂଘ ସମ୍ପାଦକ ଦୁର୍ଗା ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ବିକଶିତ ଭାରତ ୟୁଥ୍ ପାର୍ଲିଆମେଣ୍ଟ




**ସମ୍ବଲପୁର, ୧।୩ (ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତି ବିହାର ବୁର୍ଲାଠାରେ ଏନ୍ ଏସ୍‌ଏସ୍ ପକ୍ଷରୁ ଆଜି ବିକଶିତ ଭାରତ ୟୁଥ୍ ପାର୍ଲିଆମେଣ୍ଟ ୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ବିଭିନ୍ନ ମହାବିଦ୍ୟାଳୟର ୫୦ରୁ ଉର୍ଦ୍ଧ୍ୱ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ପ୍ରଦୀପ କୁମାର ନାଏକ ମୁଖ୍ୟଅତିଥି ଏବଂ ବାୟୋଟେକ୍ନୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଏ.କେ ପଟେଲ, ଆଇନ ବିଭାଗର ମୁଖ୍ୟ ପ୍ରଫେସର ମୀନକେତନ ସାହୁ, କାର୍ଯ୍ୟକ୍ରମର ଜୁରି ମେମ୍ବର ଇଂରାଜୀ ବିଭାଗର ଡ. ଅଜିତ କୁମାର କୁଲୁ, କଳାପାଣି ମହାବିଦ୍ୟାଳୟ ରାଜନୀତି ବିଜ୍ଞାନର ଅଧ୍ୟାପକ ମୋହନ ସାହୁ, 'ଓଷ୍ଟା'ର ପୂର୍ବତନ ସମ୍ପାଦକ ରାଜେନ୍ଦ୍ର ପଣ୍ଡା, ସମ୍ବଲପୁର ମୋ ଭାରତର ପ୍ରତିନିଧି ପ୍ରୟାସ ପଣ୍ଡା, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡ. ବିରେନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ମୁରବୀବିହୀନ ଜଗଦଲପୁର ଥାନା



ପଦ୍ମପୁର, ୧।୩(ସମିସ)

ବରଗଡ଼ ଜିଲ୍ଲା ସୀମାନ୍ତ ଜଗଦଳପୁର ଥାନା ମୁରବୀବିହୀନ ହୋଇପଡ଼ିଛି। ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଚାଳିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିବା ଜଗଦଳପୁର ଥାନାରେ ମାସେ ହେବ ଥାନାଧିକାରୀ ପଦ ଖାଲି ରହିଥିବାରୁ ଆଇନ ଶୃଙ୍ଖଳା ବାଧାପ୍ରାପ୍ତ ହେଉଛି। ଥାନାରେ ଅଧିକାରୀ ଏବଂ ଆବଶ୍ୟକ ପୁଲିସ କର୍ମଚାରୀଙ୍କ ଅଭାବ ଦୈନନ୍ଦିନ କାର୍ଯ୍ୟ ସମ୍ପାଦନରେ ବାଧା ସୃଷ୍ଟି କରୁଛି। ସୂଚନାନୁଯାୟୀ, ଥାନାରେ ବର୍ତ୍ତମାନ ୮ ଜଣ କନଷ୍ଟେବଲ ଓ

**ଥାନାଧିକାରୀଙ୍କ ସହ ଆବଶ୍ୟକ କର୍ମଚାରୀ ନିଯୁକ୍ତି ଦାବି**

୩ ଜଣ ସବ୍‌ଇନିସ୍ପେକ୍ଟର କାର୍ଯ୍ୟରତ ଥିବା ବେଳେ ଥାନାଅଧିକାରୀ ପଦବୀ ଖାଲି ପଡ଼ିଛି। ଏଥିସହ କେତେକ କନଷ୍ଟେବଲ୍ ଓ ସହାୟକ କର୍ମଚାରୀ ପଦବୀ ଖାଲି ପଡ଼ିଛି। ଏପରିକି ମହିଳା ପଦବୀ ସମ୍ପୂର୍ଣ୍ଣ ଖାଲି ରହିଛି। ଶୈବପୀଠ ଦେବଦର୍ହାକୁ ଦୈନନ୍ଦିନ ହଜାର ସଂଖ୍ୟକ ପର୍ଯ୍ୟଟକ ଆସୁଥିବା ବେଳେ ଏଠାରେ ଏବଂ ଗ୍ରାମାଞ୍ଚଳରେ ସୃଷ୍ଟି ହେଉଥିବା ଆଇନ ଶୃଙ୍ଖଳା ପରିସ୍ଥିତିର ତୁରନ୍ତ ପଦକ୍ଷେପ ନେବାରେ ସମସ୍ୟା ହେଉଥିବା ଅଭିଯୋଗ ହୋଇଛି। ତୁରନ୍ତ ଥାନା ଅଧିକାରୀ ପଦ ସହ ଆବଶ୍ୟକୀୟ ପଦବୀ ପୂରଣ କରିବାକୁ ଦାବି ହୋଇଛି।

# ପଥରରେ ଛେଚି ବଡ଼ଭାଇକୁ ହତ୍ୟା

**ଝାରସୁଗୁଡ଼ା, ୧।୩(ସମିସ):** ଜିଲ୍ଲାର ବଡମାଳ ଥାନା ଅଧୀନ ବୃନ୍ଦାମାଲ ରେଲୱେ ଷ୍ଟେସନ ନିକଟ ବସ୍ତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବସ୍ତିରେ ରହୁଥିବା ବଡଭାଇ ବିବେକନାଥ ନାଗ (୨୮)କୁ ସାନଭାଇ କ୍ଷୀରୋଦନାଥ ନାଗ (୨୪) ଶନିବାର ବିଳମ୍ବିତ ରାତ୍ରିରେ ପଥରରେ ଛେଚି ହତ୍ୟା କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବୃନ୍ଦାମାଲ ରେଲୱେ ଷ୍ଟେସନ ନିକଟରେ ଥିବା ଏକ ବସ୍ତିରେ ବିବେକନାଥ ଏବଂ କ୍ଷୀରୋଦନାଥ ତାଙ୍କ ବାପା ପ୍ରେମନାଥ ନାଗଙ୍କ ସହିତ ବସବାସ କରୁଥିଲେ। ଶନିବାର ବିଳମ୍ବିତ ରାତ୍ରିରେ ବିବେକ ଓ କ୍ଷୀରୋଦଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏଥିରେ କ୍ଷୀରୋଦ ଉତ୍‌କ୍ଷିପ୍ତ ହୋଇ ବଡଭାଇ ବିବେକଙ୍କୁ ପଥରରେ ଛେଚି ହତ୍ୟା କରିଥିଲା। ସୂଚନା ପାଇ ଉଭୟ ଝାରସୁଗୁଡ଼ା ପୁଲିସ ଓ ରେଲୱେ ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣାସ୍ଥଳଟି ଝାରସୁଗୁଡ଼ା ଜିଆରପି ଅଧୀନରେ ଥିବାରୁ ଜିଆରପି ମାମଲାଟିକୁ ଗ୍ରହଣ କରିଥିବା ଜିଆରପି ଆଇଆଇସି ସନ୍ତୋଷ ମିର୍ଦ୍ଧା ସୂଚନା ଦେଇଛନ୍ତି। ଘଟଣା ନେଇ ଜିଆରପି ଏକ ମାମଲା ରୁଜୁ କରିବା ସହ ଏକ ଟିମ୍ ଗଠନ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଅଭିଯୁକ୍ତ ସାନଭାଇ କ୍ଷୀରୋଦ ଫେରାର ଥିବା ବେଳେ ତାକୁ ଖୋଜା ଚାଲିଛି। ଶବ ବ୍ୟବଚ୍ଛେଦ ପେର ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି ବୋଲି ଜିଆରପି ପୁଲିସ ତରଫରୁ ସୂଚନା ରହିଛି।

# ବରଗଡ଼ ମହିଳା ସମିତିରେ ରୁଷ ପର୍ଯ୍ୟଟକ

## ଭାରତୀୟ ସଂସ୍କୃତି ସମଗ୍ର ବିଶ୍ୱ ପାଇଁ ଶିକ୍ଷା

**ବରଗଡ଼, ୨୯।୨(ସମିସ):** ରୁଷ ଦେଶରୁ ଭାରତ ଭ୍ରମଣରେ ଆସିଥିବା ଜଣେ କର୍ମଜୀବୀ ମହିଳା ନିଗିନା ଦାଭଲାତମାମାଦୋଭା ଶନିବାର ବରଗଡ଼ ମହିଳା ସମିତି ପରିଦର୍ଶନ କରିଛନ୍ତି। ସେ ତାଙ୍କ ବକ୍ତବ୍ୟରେ, "ଭାରତୀୟ ସଂସ୍କୃତି ସମ୍ପର୍କରେ ଯାହା ପଢ଼ିଥିଲି ଓ ଶୁଣିଥିଲି ପ୍ରକୃତରେ ତାଠୁ ଢ଼େର୍ ଗୁଣ ଅଧିକ ପ୍ରତ୍ୟକ୍ଷ ଅନୁଭବ ଏହି ଯାତ୍ରାରେ କରିଛି" ବୋଲି କହିଥିଲେ। ଭାରତର ବିଭିନ୍ନ ଅଞ୍ଚଳର ପ୍ରାକୃତିକ ବିଭବରେ ସେ ଅବିଭୂତ ହୋଇଥିବା ଏବଂ ବିଭିନ୍ନତାର ନୁହେଁ ବରଂ ଏକତାର ଦେଶ ବୋଲି ଦର୍ଶାଇ ଭାରତୀୟ ସଂସ୍କୃତି ସମଗ୍ର ମାନବ ସମାଜ ପାଇଁ ଶିକ୍ଷା ଓ ଦୀକ୍ଷା ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ମସ୍କୋରେ ରହୁଥିବା ବରଗଡ଼ର ସନ୍ତୋଷ ମିଶ୍ର ମଧ୍ୟ ତାଙ୍କ ସହ ସାମିଲ୍ ହୋଇ 'ସାମ୍ପ୍ରତିକ ପରିସ୍ଥିତି ଓ ରୁଷୀୟ ସଂସ୍କୃତି' ଉପରେ ବକ୍ତବ୍ୟ ରଖିଥିଲେ। ଉଭୟେ ସାମ୍ପ୍ରତିକ ରୁଷୀୟ ସଂସ୍କୃତି, ଶିକ୍ଷା ପଦ୍ଧତି, କ୍ରୀଡା, ଯୁଦ୍ଧ ସ୍ଥିତି ସମ୍ପର୍କରେ ସମିତିର ସଦସ୍ୟା ମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହାସହ ମହିଳା ସଶକ୍ତିକରଣର ଅନନ୍ୟ ଉଦାହରଣ ବରଗଡ଼ ମହିଳା ସମିତି ବୋଲି ଭୂୟସୀ ପ୍ରଶଂସା କରିଥିଲେ। ସମିତିର ସଭାନେତ୍ରୀ ଅଞ୍ଜନା ଦାସ ସଭାପତିତ୍ୱ, ମମତା



ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ ଓ ଅତିଥି ପରିଚୟ ପ୍ରଦାନ, ସମ୍ପାଦିକା ସୁଧାଂଶୁବାଲା ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଭୟ ଅତିଥିଙ୍କୁ ସମିତି ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସହ ସମ୍ପାଦିକା ସଙ୍ଗୀତା ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱଶାନ୍ତି ଅଷ୍ଟପ୍ରହର ନାମଯଜ୍ଞ ସମାପନ

**କୋଲାବିରା, ୧।୩(ସମିସ):** କୋଲାବିରା ତେଲେଙ୍ଗାପଡ଼ା ଯାତ୍ରାମଣ୍ଡପଠାରେଅଖଣ୍ଡଅଷ୍ଟପ୍ରହରନାମଯଜ୍ଞକୋଲାବିରା ଗୌରଭକ୍ତ ବୃନ୍ଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ନନ୍ଦରାଜା ବରଣ ହୋଇଥିଲା। ତେଲେଙ୍ଗାପଡ଼ା ଗୌରଭକ୍ତ



ବୃନ୍ଦଙ୍କ ନେତୃତ୍ୱରେ ତଥା ଆଖପାଖ ଅଞ୍ଚଳର ଶତାଧିକ ମହିଳା ତେଲେନ ନଦୀରୁ କଳସ ଶୋଭାଯାତ୍ରାରେ ଗାଁ ପରିକ୍ରମା ସହ ନାମଯଜ୍ଞ ପୂଜାମଣ୍ଡପରେ ପୂର୍ଣ୍ଣକୁମ୍ଭ କଳସ ମାନ ସ୍ଥାପନ କରାଯାଇଥିଲା। ପରେ ବିଭିନ୍ନ ଗାଁରୁ ସଙ୍କୀର୍ତ୍ତନ ଦଳ ନାମଯଜ୍ଞରେ ଯୋଗ ଦେଇଥିଲେ। ରବିବାର ନାମସମାପନ, ନଗରଭ୍ରମଣ, ଦଧିଭାଣ୍ଡ ଭଞ୍ଜନ, ଯମୁନା ସ୍ନାନ, ମହାପ୍ରସାଦ ସେବନ ଓ ଭକ୍ତମହନ୍ତ ବିଦାୟ ସହିତ କାର୍ଯ୍ୟକ୍ରମର ପରିସମାପ୍ତି ହୋଇଥିଲା। ପଡ଼ାର ମହିଳାମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ସଭାପତି ଚୌକାନ୍ତି ସାହୁ, ସୁସ୍ମିତା କୁମୁରା, ଗୀତାକୁମୁରା, ରୀନା ସାହୁ, ଦୀପାକୁମୁରା, ମୋହିନୀ ଭୋଇ, ମାଧବୀ ମରାଇ, ଫୁଲମତି କୁମୁରା, ମଲି ନାଏକ, ରିଙ୍କି ସମର୍ଥା, ପଙ୍କଜୀନି ସମର୍ଥା, କୁମାରୀ ମାଝୀ, ମଞ୍ଜରୀ ମାଝୀ, ଲୋଚନୀ ମରାଇ, ଝସକେତନୀ ମରା, ତିଲୋତମା ସମର୍ଥା, ତୁଲସିଦେଇ କୁମୁରା ଓ ସଭ୍ୟ ସଭ୍ୟାମାନେ ଉପସ୍ଥିତ ଥିଲେ। ଛଡ ବୈଷ୍ଣବ ଭାବେ କମଲ ଧୁରୁଆ, ପଙ୍କଜିନି ଧୁରୁଆ, ଦେବାଶିଷ ସିଂହ ଠାକୁର, ସୁଶାନ୍ତ ଧୁରୁଆ, ତ୍ରିଲୋଚନ ସମର୍ଥା, ଶଙ୍କର ମରାଇ, ପ୍ରମୁଖଙ୍କ ସମେତ ଗୌରବୃନ୍ଦ ଉପସ୍ଥିତ ଥିଲେ। ଯଜ୍ଞରେ କମଲ ଧୁରୁଆ ଓ ତାଙ୍କ ପତ୍ନୀ ପଙ୍କଜିନୀ ଧୁରୁଆ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ କ୍ଷୀରୋଦ ପୂଜାରୀ ମୁଖ୍ୟ ପୂଜକ ଦାୟିତ୍ୱ ତୁଲାଇଥିବା ବେଳେ ଆଲୋକ ମହାପାତ୍ର ସହଯୋଗ କରିଥିଲେ। କୁଲିହାମା।ଲ, ରେଙ୍ଗାଲବେଡା, ସମାସିଂହା, ଦଲକି, ଭୋଗରା ପାଲି, କୁଲୁଥମାଲର କୀର୍ତ୍ତନ ଦଳ ନାମ ସଙ୍କୀର୍ତ୍ତନ କରିଥିଲେ। ଶେଷରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ।

# କୋଲାବିରାରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**କୋଲାବିରା, ୧।୩(ସମିସ):** ଆଗକୁ ହୋଲି ପର୍ବ ତଥା ଅନ୍ୟାନ୍ୟ ପର୍ବପର୍ବାଣୀ ପରିପ୍ରେକ୍ଷୀରେ ରବିବାର କୋଲାବିରା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଶାନ୍ତି ଶୃଙ୍ଖଳାର ସହିତ ହୋଲି, ଚଇତି ଯାତ୍ରା, ବାସନ୍ତିକ ନବରାତ୍ରି, ଇଦୁଲଫିତର, ମହାବୀର ଜୟନ୍ତୀ ତଥା ଅନ୍ୟାନ୍ୟ ପର୍ବପର୍ବାଣୀ ପାଳନ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ଫ୍ଲାଗମାର୍ଚ୍ଚ (ଫୁଟ୍ ପାଟ୍ରୋଲିଂ) କରାଯାଇଛି। କୋଲାବିରା ଥାନା ଭାରପ୍ରାପ୍ତ ଅଧିକାରୀ ଉପନିରୀକ୍ଷକ ସନ୍ତୋଷ ପ୍ରଧାନଙ୍କ ନେତୃତ୍ୱରେ ସୁଶିଲ ଦାସ୍‌ଙ୍କ ସମେତ କୋଲାବିରା ଥାନାର ଅନ୍ୟାନ୍ୟ କର୍ମଚାରୀ ଅଧିକାରୀ, ବହୁସଂଖ୍ୟକ ପୁଲିସ କର୍ମଚାରୀ, ହୋମଗାର୍ଡ ଫ୍ଲାଗମାର୍ଚ୍ଚ କରିଥିଲେ। କୋଲାବିରା ବସ୍ତି ସମେତ ସମାସିଂହା ଏବଂ ରଘୁନାଥପାଲି ଅଞ୍ଚଳରେ ମଧ୍ୟ ଫ୍ଲାଗମାର୍ଚ୍ଚ କରାଯାଇଥିଲା।



# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ

**ଝାରସୁଗୁଡ଼ା, ୧।୩(ସମିସ):** ଝାରସୁଗୁଡ଼ା ବିଜୁ ଏକ୍ସପ୍ରେସ ୱେ ବଡମାଳ ନିକଟରେ ଥିବା ଭାଜପା କାର୍ଯ୍ୟାଳୟ



ପରିସରରେ ରବିବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଅନ୍ତର୍ଗତ ଜିଲ୍ଲା ଯୋଜନା ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ରାଜ୍ୟ ସାଧାରଣ ସମ୍ପାଦକ ତଥା ଝାରସୁଗୁଡ଼ା ଜିଲ୍ଲା ପ୍ରଭାରୀ ସୀମାଞ୍ଚଳ ଖଟେଇ, ପ୍ରେମସେନ ରାୟ, ନଭଲ ଅଗ୍ରୱାଲ, ସନ୍ତୋଷ ଯାଦବ ପ୍ରମୁଖ ଉପସ୍ଥିତ ଥିବା ବେଳେ ଚକାନନ ସା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ।

# ପାର୍ବତୀଗିରି ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ

**ବରଗଡ଼, ୧।୩ (ସମିସ):** ବରଗଡ଼ ପାର୍ବତୀଗିରି ମହିଳା ମହାବିଦ୍ୟାଳୟର ଅଧକ୍ଷା ନନ୍ଦିନୀ ନିରଦ ପଣ୍ଡାଙ୍କ ସଭାପତିତ୍ୱରେ ବାର୍ଷିକୋତ୍ସବ ମୂର୍ଚ୍ଛନା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବରେଣ୍ୟ ଅତିଥି ଭାବରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ, ଅତିରିକ୍ତ ଜିଲ୍ଲାପାଳ ତଥା ପରିଚାଳନା କମିଟି ସଭାପତି ମଧୁଛନ୍ଦା ସାହୁ, ମୁଖ୍ୟବକ୍ତା ଭାବେ ପ୍ରଧାପକ ମାନ ଭଞ୍ଜନ ପାଣିଗ୍ରାହୀ ଯୋଗେଦଇଥିଲେ। ଅଧକ୍ଷା ଶ୍ରୀମତୀ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାପିକା ମଧୁସ୍ମିତା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଂସ୍କୃତିକ ସଂସଦର ଉପଦେଷ୍ଟା ଡ. ପୁଷ୍ପାଞ୍ଜଳି ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ବିଭାଗରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅଧାପିକା ଗାୟିତ୍ରୀ ମିଶ୍ର ଓ ମୌସୁମୀ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ. ସଂଘମିତ୍ରା ମିଶ୍ର ସଭା ପରିଚାଳନା କରିଥିବା ବେଳେ ଅଧାପକ ତୁଷାରକାନ୍ତି ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଦୋଳ ପୂର୍ଣ୍ଣିମା ପାଇଁ ଝାରବନ୍ଧ ଥାନାରେ ଶାନ୍ତି କମିଟି ବୈଠକ



**ଝାରବନ୍ଧ, ୨୯।୨(ସମିସ):** ଦୋଳ ପୂର୍ଣ୍ଣିମା ଓ ହୋଲି ପର୍ବକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳାବଦ୍ଧ ଭାବେ ପାଳନ କରିବା ଉଦ୍ଦେଶ୍ୟରେ ଝାରବନ୍ଧ ଥାନା ପ୍ରାଙ୍ଗଣରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଶୁକ୍ରା ମାଢ଼ିଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଅଞ୍ଚଳର ବିଭିନ୍ନ ପ୍ରତିନିଧି ଓ ବୁଦ୍ଧିଜୀବୀମାନେ ସାମିଲ ହୋଇଥିଲେ। ବୈଠକରେ ଝାରବନ୍ଧ ଗ୍ରାମ୍ୟ କମିଟି ସଭାପତି ମୋହନ ପ୍ରଧାନ, କନ୍ଦାଡଙ୍ଗର ସରପଞ୍ଚ ସୁନୀଲ ରାୟ, ଛୋଟଅନକି ସମିତି ସଭ୍ୟ ସତ୍ୟମ ପ୍ରଧାନ, ଜୟ ନିଗମ, ଭଜନ ବେହେରା, ଅଶୋକ ସାହୁ, ରୋଶନ ଅଗ୍ରୱାଲ, ବିଦ୍ୟାଧର ସାହୁ, ପ୍ରଦୀପ ପ୍ରଧାନ, ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧର ସଭାପତି ସାମ୍ବାଦିକ ମୋତିଲାଲ ବାଗ ଓ ସାମ୍ବାଦିକ ନାରାୟଣ ଶତନାମୀ ସମେତ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ହୋଲିରେ କିପରି ଶାନ୍ତି-ଶୃଙ୍ଖଳା ରକ୍ଷା କରାଯିବ ଓ କୌଣସି ପ୍ରକାରର ଅପ୍ରୀତିକର ଘଟଣା ନ ଘଟେ, ସେଥିପାଇଁ ସମସ୍ତଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଥିଲା। ପରସ୍ପର ସହଯୋଗ ଓ ସଚେତନତା ମାଧ୍ୟମରେ ପର୍ବକୁ ଆନନ୍ଦମୟ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ କରିବାକୁ ଆହ୍ୱାନ ଜଣାଯାଇଥିଲା। ଏହା ସହିତ ଝାରବନ୍ଧ ବ୍ଲକରେ ନିଶା କାରବାର ଉପରେ କଟକଣା ଲଗାଇବା ପାଇଁ ପ୍ରଶାସନ ଓ ସାଧାରଣ ଲୋକଙ୍କ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା।

## ଠାକୁର ବୁଢ଼ା କ୍ରିକେଟ କପ୍ ଉଦ୍‌ଘାଟିତ

# ସେମିଫାଇନାଲରେ ଖରାମାଳ



**ପାଇକମାଳ, ୧।୩(ସମିସ):** ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ଭେରୁଆମୁଣ୍ଡାରେ ଷଷ୍ଠ ତମ ଠାକୁର ବୁଢ଼ା କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ଅମର ସିଂ ବରିହା, କେଶବ ସାହୁ, ଶଙ୍କର ଗଏଁତା ଏହାର ଉଦ୍‌ଘାଟନ କରିଥିଲେ। ଭେରୁଆମୁଣ୍ଡା ଓ ଖରାମାଳ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍‌ରେ ଖରାମାଳ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଜାମସେଠ ଓ ଖଇରାନୀ ମଧ୍ୟରୁ ଜାମସେଠ ବିଜୟୀ ହୋଇଥିଲା। ଜାମସେଠ ଓ ଖରାମାଳ ମଧ୍ୟରେ କ୍ୱାର୍ଟର ଫାଇନାଲରେ ମ୍ୟାଚ୍‌ରେ ଖରାମାଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ପିଙ୍କୁ ବରିହା ଓ ଲୋକନାଥ ମାଝୀ ଖେଳ ପରିଚାଳନା କରିଥିଲେ। ଡମ୍ବରୁଧର ରାୟ ସ୍କୋରର ଥିବା ବେଳେ ସୁନିଲ, ହରେକୃଷ୍ଣ ବରିହା ଧାରାବିବରଣୀ ପ୍ରଦାନ କରିଥିଲେ। ଏଥିରେ ପରେଶ ମାଝୀ, ଲୋଚନ ମାଝୀ, ରିଙ୍କୁ ମାଝୀ, ପ୍ରବୀନ ମାଝୀ, ପୀତବାସ ସାହୁ ସମେତ କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ମାର୍ଚ୍ଚ ୮ରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି କମିଟି ସଭାପତି ପରେଶ ମାଝୀ ସୂଚନା ଦେଇଛନ୍ତି।

# ପଞ୍ଚାୟତ ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ

**ବରଗଡ଼, ୧।୩(ସମିସ):** ବରଗଡ଼ ସ୍ଥିତ ପଞ୍ଚାୟତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଡ.ନକୁଳ ସେଠ କାର୍ଯ୍ୟକ୍ରମର ପୌରାହିତ୍ୟ କରିଥିଲେ। ବିଭାଗୀୟ ମୁଖ୍ୟ ଡ.ସୁଶାନ୍ତ ପଧାନ, ଅଧକ୍ଷଙ୍କ ସମେତ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନଙ୍କୁ ସ୍ୱାଗତ କରିଥିଲେ। ଜାତୀୟ ବିଜ୍ଞାନ ଦିବସର ତାତ୍ପର୍ଯ୍ୟ ଏବଂ ଗୁରୁତ୍ୱ ଉପରେ ଡ.ପଧାନ ଉପସ୍ଥାପନା କରିଥିଲେ। ରସାୟନ ବିଜ୍ଞାନର ସହକାରୀ ଅଧାପକ ସମୀର ସେଠ ଦୈନନ୍ଦିନ ଜୀବନରେ ବିଜ୍ଞାନର ବ୍ୟବହାର ଉପରେ ଆଲୋକପାତ କରିଥିଲେ। ସେହିପରି ସହକାରୀ ଅଧାପକ ଆକାଶ ଭୋଇ କମ୍ ସମ୍ବଳରେ କିପରି ଅଧିକ ସୃଜନଶୀଳତା ଆଣିହେବ ସେଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସହକାରୀ ଅଧାପିକା ଲଳିତା ଧରୁଆ ଉତ୍କଣ୍ଠା ହେଉଛି ବିଜ୍ଞାନର ମୂଳଦୁଆ ବୋଲି ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି ଅବସରରେ ପିଜି ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ଗୋବିନ୍ଦ, ତପସ୍ୱିନୀ, ସତ୍ୟ, ଶ୍ୱେତଲାନା, ସ୍ୱପ୍ନା ଏବଂ ଦେବଦାସ ସେମିନାର ଉପସ୍ଥାପନ କରିଥିଲେ। ଅନ୍ୟ ଅଧାପକ ଓ ଅଧାପିକା ମାନଙ୍କ ମଧ୍ୟରେ ଶଶୀଭୂଷଣ ସେଠ, ଡ.ଗୀତାଞ୍ଜଳୀ ମେହେର, ଶୁଭଶ୍ରୀ ବାରିକ, ଚନ୍ଦ୍ରଭାନୁ ସାହୁ ଏବଂ ପୁନମ ଛୁରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆକାଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



# ବିଶ୍ୱାବସୁ ଶବର ସମାଜର ବୈଠକ

## ସମାଜକୁ ନିଶାମୁକ୍ତ କରିବାକୁ ସଂକଳ୍ପ

**ଇବଥର୍ମାଲ, ୧।୩(ସମିସ):** ଲଖନପୁର ବ୍ଲକ ଜୋନ୍-୩ ଅଧୀନ ଚାରପାଲି ଶବର ସମାଜ ଗୁଡିପୀଠ ଅଧୀନ ସାମାଜିକ ବୈଠକ କୁମ୍ଭାରବନ୍ଧ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। କୁମ୍ଭାରବନ୍ଧ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ଲିଙ୍ଗରାଜ ବଢ଼େଇଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ପୀଠ ଅଧୀନ ରମ୍ପେଲା, କୁମ୍ଭାରବନ୍ଧ, ପିପିଲିକାନି, ଦଳଗାଁ, ସରଣ୍ଡାମାଲ ତଥା ବନ୍ଧବାହାଲ ପଞ୍ଚାୟତର ଶବର ସମାଜ ସଦସ୍ୟ ଏଥିରେ ଯୋଗ ଦେଇଥିଲେ। ଶବର ସମାଜର ଉନ୍ନତି ପାଇଁ ସମାଜ ପକ୍ଷରୁ ଜାତି ସମ୍ପ୍ରଦାୟକୁ ନିଶାମୁକ୍ତ କରିବାକୁ ସଭାରେ ସଙ୍କଳ୍ପ ନେଇଥିଲେ। ସମାଜର ସାମାଜିକ କାର୍ଯ୍ୟ ସମ୍ପାଦନ ପାଇଁ ପରିଚାଳନା କମିଟି ଓ ଉପଦେଷ୍ଟା କମିଟି ଗଠନ କରା ଯାଇଥିଲା। ସର୍ବସମ୍ମତି କ୍ରମେ ଘନଶ୍ୟାମ ବଢ଼େଇ ସଭାପତି, ରଞ୍ଜିତ ଭୋଇ, ପବିତ୍ର ନାଏକ ଉପ ସଭାପତି, ମନବୋଧ ଭୋଇ ସମ୍ପାଦକ, ବିଭୁତି କଲେତ, ପ୍ରେମାନନ୍ଦ ଭୋଇ ଯୁଗ୍ମ ସମ୍ପାଦକ, ଜୟମଙ୍ଗଳ ରାଉତ କୋଷାଧକ୍ଷ ଭାବେ ମନୋନୀତ ହୋଇଥିଲେ। ସେହିପରି ଉପଦେଷ୍ଟା କମିଟିରେ ବଢ଼େଇ, ଲଳିତ ଭୋଇ, କ୍ଷେତ୍ରମୋହନ ଭୋଇ, ଟଙ୍କଧର ଭୋଇ, ମୁରାରୀ ଭୋଇଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ଧନ୍ୟବାଦ ଦେଇ ସଭା ସାଙ୍ଗ ହୋଇଥିଲା।



# ମନୋଜ ନାଏକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

କୋଲାବିରା, ୧।୩(ସମିସ)

କୋଲାବିରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ କ୍ଷୁଦ୍ର ଖେଳପଡ଼ିଆରେ ଏକ ଦିବସୀୟ ମନୋଜ ନାଏକ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହିମାଂଶୁ ବାଗ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ହରିହର ନାଥ, ପୂଜ୍ୟପୂଜା ସଂସଦର ସଭାପତି ସରୋଜ ପୂଝାରୀ, ଗିରଧରଲାଲ ଉଚ୍ଚ ବିଦ୍ୟାଳୟ ବେଲପାହାଡର ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିର୍ମଳା ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବ୍ଲକର ପ୍ରାଥମିକ ଶିକ୍ଷକ ମାନଙ୍କୁ ନେଇ ଜ୍ଞାନ ଗ୍ଲାଡିଏଟର, ଶିକ୍ଷା ଷ୍ଟ୍ରାଇକର, ପ୍ରୟାସ ପାୱାର, ବିଦ୍ୟା ଭିକ୍ଟୋରିସ ନାମରେ ୪ଟି ଦଳ ଗଠିତ ହୋଇ ପ୍ରତିଯୋଗିତା ହୋଇଥିଲା। ଫାଇନାଲ ମ୍ୟାଚ୍ ପ୍ରୟାସ ପାୱାର ଓ ବିଦ୍ୟା ଭିକ୍ଟୋରିସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରୟାସ ପାୱାର ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରେ ୧୬୮ ରନ ସଂଗ୍ରହ କରିଥିଲା। ତେବେ ବିଦ୍ୟା ଭିକ୍ଟୋରିସ ଦଳ ମାତ୍ର ୫ ୱିକେଟ ହରାଇ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଅତିରିକ୍ତ

**ବିଦ୍ୟା ଭିକ୍ଟୋରିସ ଚାମ୍ପିଅନ୍**

ତହସିଲଦାର ସୁଦକ୍ଷ ପଟେଲ ତଥା ଅତିଥି ଭାବେ ଶିକ୍ଷକ ସଂଘର ସଭାପତି ସରୋଜ ଟଣକାର, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ପରାମର୍ଶଦାତା ରାଜକିଶୋର ଜେନା, ସାଧାରଣ ସମ୍ପାଦକ ବସୁଦେବ ପଟେଲ, ଅଧାପକ ମାନସ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ମନୋଜ ନାଏକଙ୍କ ଚାକିରି କାଳର ପ୍ରମୁଖ ସହକର୍ମୀଙ୍କ ମଧ୍ୟରେ ସଞ୍ଜିବ ପଟେଲ, ମହେନ୍ଦ୍ର ଟଣକାର, ଲିଙ୍ଗରାଜ ପଟେଲ,



ଜଗଦୀଶ ପଟେଲ ପ୍ରମୁଖ ଉପସ୍ଥିତିରେ ବିଜୟୀ ଓ ଉପ ବିଜେତା ଦଳ ଏବଂ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଅତିଥିଗଣ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ବେଷ୍ଟ କିପର ଭାବେ ରଞ୍ଜନ କୁମାର ପଟେଲ, ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ରାଜେଶ ଭୋଇ, ବେଷ୍ଟ ବୋଲର ଭାବେ ମୁଚୁକୁନ୍ଦ ସିଂ, ବେଷ୍ଟ ଫିଲ୍ଡର ଭାବେ ସୁରେଶ ଚନ୍ଦ୍ର ସାହୁ, ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ ଅଫ ଦି ସିରିଜ ଭାବେ ଶିକ୍ଷକ ବିଶ୍ୱଜିତ ଚୌଧୁରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅଶୋକ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ରୋହିତ ଭୋଇ ଖେଳ ଧାରାବିବରଣୀ ପ୍ରଦାନ କରିଥିଲେ। ଶିକ୍ଷକ ଲିଙ୍କନ ନାଏକ, ରିତୁରାଣୀ ନାଏକ, ଶୁଭ୍ରା ଶତପଥୀ, ଶିଶିର ନାଏକ, ଦିଲୀପ ବେହେରା, ଚେତାନନ୍ଦ ମାଝୀ, ଲଲିନ୍ଦ୍ର ଗୋଖରା, ତପନ କରାଳି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଲଇଡା ଗାଁର ପୂର୍ବ ବାସିନ୍ଦା ସମ୍ବଲପୁର ନିବାସୀ ବିମଲ ଅଗ୍ରୱାଲ ଏବଂ ସଜନୁ ଅଗ୍ରୱାଲ ଯୋଗ ଦେଇଥିଲେ।

